ବାର ସୁଯୋଗ ପାଇ
ଓ ଫୁଟବଲ ଓ କବାଡ଼ି
ର ଏହି ପ୍ରତିଯୋଗିତା
ଙ୍କ ନିର୍ଦ୍ଦେଶ ରହିଛି।
ଶଦଶ ଅର୍ଥ କମିସନ
କରାଯିବାର ବ୍ୟବସ୍ଥା
ଭଳି ବ୍ଲକ ଅଧୀନରେ

ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଖେଳ ପରିଚାଳନା କରି ବ୍ଲକସ୍ତରକୁ କୃତୀ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରିବା ପାଇଁ କୁହାଯାଇଛି। ଶୃଙ୍ଖଳିତ ଭାବେ କିଭଳି କ୍ରୀଡ଼ା ପ୍ରତିଯୋଗିତା ହୋଇପାରିବ ସେ ନେଇ ପଞ୍ଚାୟତ ଅଧିକାରୀ ଜନ୍ମେଜୟ ରାଉତ ଓ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ସମସ୍ତ ବନ୍ଦୋବସ୍ତ କରିଥିବା ପ୍ରକାଶ କରିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଦଳରେ ସାଲେପୁର କଲେଜ ଛାତ୍ରୀ



ସାଲେପୁର, ୧୩।୧୨ (ନି.ପ୍ର.): ସାଲେପୁର କଲେଜର ତୃତୀୟବର୍ଷ ବାଣିଜ୍ୟ ବିଭାଗ ଛାତ୍ରୀ ସ୍ମରଣିକା ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟର ମହିଳା କ୍ରିକେଟ୍ ଟିମ୍‌ରେ ସାମିଲ ହୋଇଛନ୍ତି। ସୁଶ୍ରୀ ସାହୁ ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କ ଦୃଷ୍ଟିକୁ ଆସିଥିଲେ। କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ଲେଙ୍କା ସ୍ମରଣିକାଙ୍କ କୃତିତ୍ୱକୁ ପ୍ରଶଂସା କରିଛନ୍ତି।

### ଆଉ କିଛିଦିନ ପରେ ଧାନକ୍ରୟ ହେବ

# ଗୋପୀନାଥପୁର ସମିତି ଗୋଦାମ ଘର ବିପଦସଂକୁଳ

ସାଲେପୁର, ୧୩।୧୨ (ନି.ପ୍ର.): ଆଉ କିଛିଦିନ ପରେ ଚାଷୀଙ୍କଠାରୁ ସେବା ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ କରାଯିବ। ଗୋପୀନାଥପୁର ସମିତିର ଗୋଦାମ ଗୃହ ବିପଦସଂକୁଳ ହୋଇ ପଡ଼ିଥିବାରୁ ଚାଷୀ ଧାନ ରଖିବା ନେଇ ଆଶଙ୍କାରେ ରହିଛନ୍ତି। ପ୍ରାୟ ୫ ବର୍ଷ ହେବ ଗୋଦାମ ଘର ଶୋଚନୀୟ ହୋଇପଡ଼ିଛି। ଦାବି ପରେ ମଧ୍ୟ ଗୋଦାମ ମରାମତି କରାଯାଉନାହିଁ। ବିଗତ ଦିନରେ ଖରା ଓ କାକରରେ ଚାଷୀ ବାହାରେ